# ଯିବା

ଯିବି
ଗଲାପରେ
ପୁରୁଣାକଥା
ପୁରୁଣା ସଂପର୍କ
ପୁରୁଣା ଦରଦକୁ
ପୁରାପୁରି
ପାସୋରିଦେବି ॥୧

ସଜନା ଗଛ,
ପାହାଡ ଚଢା
ପିକନିକ୍,
କ୍ରିକେଟ ଖେଳ
ଯିଦିବା
ଗୁଡେଇ ହୁଅନ୍ତି
ତା ହେଲେ
ଗୋଟା ପଣେ
ଭୁଲିଯିବି ॥୨

ଚୁମା ଦେଉଦେଉ
ଅଟକିଥିବା ପାଦ
ଲେଖୁ ଲେଖୁ ଲେଖି
ହୋଇ ନ ଥିବା ଚିଠି
ଆଖି ଭିତରେ ଭାବ
ଖୋଜୁଥିବା ଆଖି ବି
ନାଁ ଧରି ଡାକନ୍ତି
ତେବେ, ଭଲ କରି
ପାନେ ଦେଇ
ଚୁପ କରିଦେବି ॥୩

ଯିବିଯେ
ନାଟୁଆ ସାଜି
ଭଲ ନ ପାଇ ଝୁରିହୁଅ
ବୋଲି ରଚିଥିବା
ତୁମ ବ୍ୟୂହମାନଙ୍କୁ ବି
ବଣା ବନେଇ ଦେବି
ଏକବାରକେ
ଲଣ୍ଡା କରିଦେବି
ଥୁଣ୍ଟା ଗଛରୁ
ପକ୍ଷୀ ଗଲା ଭଳି
ଯିବିଯେ,
ମରି ପାଉଁଶ ହେଲେ ବି
ଲେଉଟିବିନି,
ପବନରେ ସୁଦ୍ଧା
ଉଡିଆସିବିନି
ଯିବି, ଅଲବତ୍ ଯିବି ।।୪

ଦିଗମ୍ବର ପାତ୍ର